ଭଦ୍ରକରେ ୧୪ତମ ଜିଲ୍ଲାସ୍ତରୀୟ ସଡକସୁରକ୍ଷା ବୈଠକ ଅନୁଷ୍ଠିତ

ଭଦ୍ରକ,୨୧।୭(ସକାଳଖବର): ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ୧୪ତମ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସଂର୍ପକୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଭଦ୍ରକର ଜିଲ୍ଲାପାଳ ଜ୍ଞାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକର ଆରକ୍ଷୀ ଅଧିକ୍ଷକ ବି ଗଙ୍ଗାଧର,ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର,ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ,ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଅବଦୁଲ ରସିଦ୍,ଜାତୀୟ ରାଜପଥର କର୍ତ୍ତୃପକ୍ଷ ,ବସ୍‌ସିଣ୍ଡିକେଟ୍ ପକ୍ଷରୁ ଶ୍ରୀନିବାସ ପତି ,ରୋଟାରିଆନ ଅତିସ କୁମାର ବେହେରା,ଅବକାରୀ ବିଭାଗର ଅଧିକ୍ଷକ ପୁରୁଷୋତ୍ତମ ଧାରୁଆ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦିନକୁ ଦିନ ସଡକ ଦୃର୍ଘଟଣା ବଢିବା ସହ ବେପରୁଆ ଗାଡିଚାଳନା ଯୋଗୁଁ ବାରମ୍ବାର ଦୃର୍ଘଟଣା ଫଳରେ ବହୁଲୋକ ମୃତ୍ୟୁ ବରଣ କରୁଛନ୍ତି। ଏହି ଦୃର୍ଘଟଣା ରୋକିବା ପାଇଁ ସଚେତନତା ସହ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍କୁଲ ଏରିଆସ୍ଥାନ ଏବଂ ଗୁରୁତ୍ୱ ପୂର୍ଣ୍ଣ ଛକ ଯାଗାରେ ସାଇନବୋର୍ଡଲଗାଯିବା ସହ ସ୍ପିର୍ଡଲାଇଟ୍ ଲଗାଇବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥର ଯେଉଁ ସ୍ଥାନରେ ରାସ୍ତା ଫାଟିଯାଇଛି, ରାସ୍ତା ଦବିଯିବା ସହ ପିଚୁ ଉଠିଗଲାଣି ସେହିସବୁ ସ୍ଥାନରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ତୁରନ୍ତ ଏହିସବୁ ସ୍ଥାନକୁ ମରାମତି କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେହିପରି ଜିଲ୍ଲାରେ ଘରୋଇ ସ୍କୁଲରେ ପଢୁଥିବା ପିଲା ମାନଙ୍କୁ ନେବାଆଣିବା କରୁଥିବା ବସ୍, ପିକପ୍ ଭେନ୍, ଟେମ୍ପୁ, ଅଟୋ, ଗୁଡ଼ିକରେ ଫିଟ୍‌ନେସ୍ ଅଛିକି ନାହିଁ ସେହି ଯାନଗୁଡ଼ିକୁ ଯାଞ୍ଚ କରି ରିପୋର୍ଟ ଦେବାକୁ ପରିବହନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସହର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରାଯିବା ସହ ପୌରପାଳିକା ଅଞ୍ଚଳ ଓ ଜାତୀୟ ରାଜପଥ କଡ଼ରେ ବୁଲା ଗାଈଗୋରୁ ଚଳ ପ୍ରଚଳ ଓ ଗୋଷ୍ଠହୋଇ ଶୋଇବା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ଏହି ବୁଲାଗାଈଗୋରୁ ମାଲିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରିବା ସହ ଏକ କାଞ୍ଜିଆବୋଦାର ବ୍ୟବସ୍ଥା କରିବାକୁ ପୌରପାଳିକା କାଯର୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଥିଲା। ପୌରପାଳିକା ଅଞ୍ଚଳରେ ଥିବା ରାସ୍ତାର ଗମନାଗମନ ନିମନ୍ତେ ନିର୍ଦ୍ଦିଷ୍ଟ ରାସ୍ତାର ସୀମାରେ ହ୍ୱାଇଟ୍ ଲାଇନ୍ ଲଗାଇବାକୁ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗକୁ ଅବଗତ କରାଇବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ଜିଲ୍ଲାରେ ରେଡ଼କ୍ରସ ବିଭାଗ ପକ୍ଷରୁ ଏକ ଆମ୍ବୁଲାନ୍ସ କିଣାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା । ସହରରେ ଥିବା ପେଟ୍ରୋଲ ପଂମ୍ପରେ ନୋ ହେଲ୍‌ମେଣ୍ଟ ନୋ ପେଟ୍ରୋଲ୍ ଆଇନ୍ କୁ କଡ଼ାକଡି ପାଳନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ଭଦ୍ରକ ମେଡ଼ିକାଲରେ ଟମାକେୟାର ସେଣ୍ଟରରେ ଦୁର୍ଘଟଣାରେ ଆହତଙ୍କୁ ସେବା ଯୋଗାଇଦେବା ପାଇଁ୪ଟି ସ୍ୱତନ୍ତ୍ର କକ୍ଷ ସମେତ ଜଣେ ବିଶେଷଜ୍ଞ ଡ଼ାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ଜିଲ୍ଲାଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା ।

ରାସ୍ତାରେ ଶୁଭୁଛି ବୋଲବମ୍ ହରହରବମ୍

ଭଣ୍ଡାରିପୋଖରୀ,୨୧।୦୭(ସକାଳ ଖବର)ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ସର୍ବତ୍ର କାଉଡ଼ିଆ ଭକ୍ତ ମାନଙ୍କର ବୋଲବମ୍ ଧ୍ୱନି ଶୁଭିଲାଣି। ପ୍ରଥମ ସୋମବାର ଉପଲକ୍ଷେ ଶୁକ୍ରବାର ଠାରୁ ବିଭିନ୍ନ ନଦୀର ତିର୍ଥ ଘାଟରୁ ଭକ୍ତ ମାନେ ପାଣି ଉଠାଇ ଭାରରେ ଦୂର ଦୂରାନ୍ତ ଶୈବ ପିଠକୁ ଯାତ୍ରା କରୁଛନ୍ତି। ଗାଁ, ସହର, ବଜାର, ରାସ୍ତା ଓ ଗଳି କନ୍ଦିରେ ହରହର ମହାଦେବ, ଜଟିଆ ବାବା ପାର କରେଗା, ଭୋଲା ବାବା ପାରକରେଗା ଧ୍ୱନି ପ୍ରକମ୍ପିତ ହେଉଛି। ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ପୂଣ୍ତ୍ରର୍ୟତୟା ବୈତରଣୀ ନଦୀରୁ କାଉଡ଼ିଆ ଭକ୍ତ ମାନେ ପାଣି ଉଠାଇ ପଂଚଲିଙ୍ଗେଶ୍ୱର, ଆଖଣ୍ଡଳମଣି ତଥା ଅନ୍ୟାନ୍ୟ ଶୈବ କ୍ଷେତ୍ରକୁ ଯାତ୍ରା କରିଛନ୍ତି। ନଦୀର ଆଖୁଆପଦା ଆନିକଟ, ଦଶ୍ୱାଶନି ଘାଟ, ବଲ୍ଲଭି ଘାଟ, କାଳୀ ଘାଟ, ଷେଣ୍ଡପୁର ଘାଟ ଓ ସିଦ୍ଧେଶ୍ୱର ଘାଟରେ ଭକ୍ତ ମାନେ ପୂଜାର୍ଚ୍ଚନା କରିବା ସହିତ ପାଣିନେଇ ମହାଦେବଙ୍କ ନିକଟକୁ ଯାଉଛନ୍ତି। ସେହିଭଳି ସାଳନ୍ଦୀ, କୋଚିଲା, ଗେଙ୍ଗୁଟି, ରେବ, କପାଳୀ ନଦୀରୁ ମଧ ପାଣି ଉଠୁଥିବା ଦେଖିବାକୁ ମିଳିଛି। ବ୍ଲକର ଜଗନ୍ନାଥପ୍ରସାଦ, ବାଲିପୋଖରୀ, ମଞ୍ଜୁରୀ, ମାଳଦା, ରହଣିଆ,ମଣିନାଥପୁର, ସରସଦା, ଧାମନଗର , ବାରିକପୁର, କୁରିଗାଁ, କଂଟି ପ୍ରଭୃତି ଗ୍ରାମାଂଚଳ ରାସ୍ତାରେ ଶହ ଶହ କାଉଡ଼ିଆ ଭକ୍ତ ମାନେ ପାଣିନେଇ ପଂଚଲିଙ୍ଗେଶ୍ୱର ଓ ଆରଡ଼ି ଧାମକୁ ଯାଉଥିବା ଦେଖିବକୁ ମିଳିଛି ।

ବିଦ୍ୟୁତ୍ ଆଘାତରେ ଯୁବକର ମୃତ୍ୟୁ

କଟକ,୨୧।୭(ସକାଳଖବର): ଲଘୁଚାପ ବର୍ଷାରେ କଟକ ସହର ଭାସୁଥିବା ବେଳେ ପିଠାପୁର ଅଂଚଳରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ମିଳିଥିବା ସୂଚନା ଅନୁଯାୟୀ ପିଠାପୁର ମୁନଲାଇଟ୍ ଲେନରେ ଇଂ ନଗେନ ଜେନାଙ୍କ ଘରେ ଭଡାରେ ରହୁଥିବା ସୁଶାନ୍ତ କୁମାର ନାୟକଙ୍କ ପୁତ୍ର ସୁନୀଲ(୨୧)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ଆଜି ଦୋଳମୁଣ୍ଡାଇରୁ ଘରକୁ ଫେରି ବର୍ଷାରେ ପ୍ୟାଣ୍ଟ ସାର୍ଟ ଓଦା ହୋଇଯାଇଥିବାରୁ ସୁନୀଲ ଏହାକୁ ଓହ୍ଲାଇ ଆଲେଣାରେ ଟାଙ୍ଗିବା ସମୟରେ ବିଦ୍ୟୁତ୍ ଆଘାତରେ ଛିଟ୍‌କି ତଳେ ପଡିଯାଇଥିଲେ । ପରିବାର ଲୋକେ ଓ ପଡୋଶୀ ଘର ଭିତରକୁ ଆସିବା ବେଳେ ସେ ଚିତ୍କାର କରି କହିଥିଲେ ଯେ, 'ଘରକୁ କେହି ଆସ ନାହିଁ, ଘରଟିରେ କରେଣ୍ଟ ଚାର୍ଜ ହୋଇଯାଇଛି ।' ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଏସସିବିକୁ ନିଆଯାଇଥିଲା । ମାତ୍ର ଏସସିବିରେ ଚିକିତ୍ସାରେ ସନ୍ତୁଷ୍ଟ ନ ହୋଇ ପରିବାର ଲୋକ ତାଙ୍କୁ ଏକ ଘରୋଇ ନର୍ସିଂହୋମକୁ ଚିକିତ୍ସା ପାଇଁ ନେଇଯାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ସ୍ଥାନୀୟ ଯୁବକଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ପରେ ଏସସିବିରେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ଜିଲ୍ଲାପାଳ ସୁଶାନ୍ତ କୁମାର ମହାପାତ୍ର ଏଭଳି ଦୁଃଖଦ ଘଟଣା ସଂପର୍କରେ ଖବର ପାଇ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କର୍ପୋରେଟର ମଂଜୁଲତା ପୃଷ୍ଟି, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ପିଠାପୁର ସାହି କମିଟି ସଭାପତି ରାଜେନ୍ଦ୍ର ଖୁଂଟିଆ, ମନୋଜ ନାୟକ ପ୍ରମୁଖ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ସୁନିଲଙ୍କ ଶେଷ ଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତା କାଲି ସୁନୀଲର ବିବାହ ଏକ ମନ୍ଦିରରେ କରାଯିବାକୁ ସ୍ଥିର ହୋଇଥିଲା । ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ସମବାୟ ସଚେତନତା କର୍ମଶାଳା

ଭଦ୍ରକ,୨୧।୭(ସକାଳଖବର): ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଦ୍ରକ ଶାଖା ଅଧିନସ୍ଥ କାଉପୁର ସେବା ସମବାୟ ସମିତି ପକ୍ଷରୁ 'ସମବାୟ ଆପଣଙ୍କ ଦ୍ୱାରରେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେବା ସମବାୟ ସମିତିର ସଭାପତି ଶ୍ୟାମସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଦ୍ରକ ଶାଖାର ଏଜିଏମ ଅଶ୍ୱିନୀ କୁମାର ନାୟକ ଯୋଗ ଦେଇ ଚାଷୀମାନେ ବ୍ୟାଙ୍କରେ କିପରି ସୁଚାରୁ ଭାବରେ ତାଙ୍କର ଜମାଖାତା ଖୋଲି ପାରିବେ, ସେ ବିଷୟରେ ଚାଷୀମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଭାଗଚାଷୀମାନେ ସମିତିରୁ କିପରି ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ୧ ଟଙ୍କା ସୁଧ ହାରରେ ଋଣ ପାଇ ପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ସଭାପତି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ସମିତି କିପରି ଚାଷୀମାନଙ୍କ ସେବା କରୁଛି, ସେ ବିଷୟରେ ସେ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉପୁର ପଞ୍ଚାୟତର ସମିତି ସଭ୍ୟ ସୁଦାମ ଚରଣ ପ୍ରଧାନ, ଗେଲଟୁଆ ପଞ୍ଚାୟତର ସମିତି ସଭ୍ୟା କନକଲତା ଦାଶ, ସିମତିର ଉପସଭାପତି ରମାମଣି ପଣ୍ଡା, ଦଇସିଂ ପଞ୍ଚାୟତର ସମିତି ସଭ୍ୟା କାମିନୀ ମୁଣ୍ଡା, ସାମାଜିକ କର୍ମୀ ନିତ୍ୟାନନ୍ଦ ଦାଶ, ଓଏଲ୍ଏମ୍ର ସିଆରପି ନର୍ମଦା ଦିକ୍ଷିତ ଉପସ୍ଥିତ ଥିଲେ । ସମିତିର ସମ୍ପାଦକ ଭରତ କୁମାର ପାତ୍ର ଓ ସହସମ୍ପାଦକ କିଶୋର କୁମାର ପଣ୍ଡା ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ ।

ଟଙ୍କା ଲୁଟି ଘଟଣାରେ ଅଭିଯୋଗକାରୀ ମେଡିସିନ୍ କର୍ମଚାରୀ ଗିରଫ

ତାଳଚେର,୨୧।୭(ସକାଳଖବର): ବିକ୍ରମପୁର ଥାନା ଅଞ୍ଚଳରେ ଗତକାଲି ୪୦ ହଜାର ଟଙ୍କା ଲୁଟି ହୋଇଥିବା ଅଭିଯୋଗ କରିଥିବା ମେଡିସିନ୍ କର୍ମଚାରୀ ନିଜେ ଏହି ଅର୍ଥକୁ ରଖିଥିବା ନେଇ ପୁଲିସ ତାକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତକାଲି ଦିନବେଳା ବିକ୍ରମପୁର ଥାନା ଅନ୍ତର୍ଗତ ଏକ ଆଇଟିଆଇ ସମ୍ମୁଖରୁ ତିନି ଜଣ ଦୁର୍ବୃତ୍ତ ୪୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ ବୋଲି ମେଡିସିନ୍ କର୍ମଚାରୀ ଶମ୍ଭୁ ନାହାକ ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ ଶମ୍ଭୁକୁ ପଚରା ଉଚରା କରିବା ପରେ ସେ ନିଜେ ଏହି ଟଙ୍କା ନେଇଛି ବୋଲି ସ୍ୱୀକାର କରିବା ସହିତ ଏକ ବୁଦୁବୁଦିଆ ଜଙ୍ଗଲରେ ଏହି ଅର୍ଥ ରଖିଥିବା ନେଇ କହିଥିଲା। ଲୁଚାଇ ରଖିଥିବା ୪୩ ହଜାର ୪୮୦ ଟଙ୍କାକୁ ପୁଲିସ ଘଟଣାସ୍ଥଳରୁ ଉଦ୍ଧାର କରିବା ସହିତ ଶମ୍ଭୁକୁ ଗିରଫ କରିଥିଲା। ଅନୁଗୋଳ ଥାନା ଅର୍ନ୍ତଗତ ଏକଘରିଆ ଗ୍ରାମରେ ଶମ୍ଭୁର ଘର ହୋଇଥିଲା। ବେଳେ ସେ ସାଇ ଫାରମାସ୍ୟୁଟିକାଲ୍ ସଂସ୍ଥାର ଜଣେ ମେଡିସିନ୍ ବିତରକ ଭାବେ କାର୍ଯ୍ୟ କରୁଥିଲା ।

ବାରିପଦା ବଡଦାଣ୍ଡରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା ୨୧।୭(ସକାଳଖବର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ପରିଚିତ ବାରିପଦା ହରିବଳଦେବ ଜୀଉଙ୍କ ରଥଯାତ୍ରା ଉପଲକ୍ଷେ ବାରିପଦା ବଡଦାଣ୍ଡରେ ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ତଥା ଜିଲ୍ଲା ସଂସ୍କୃତି ବିଭାଗ ଏବଂ ବାରିପଦା ପୌର ପରିଷଦ ମିଳିତ ସହେଯାଗରେ ତା ୧୬/୭/୧୮ ରିଖ ଠାରୁ ତା ୨୩/୭/୧୮ ରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସଂଧ୍ୟା ୭ ଘଟିକା ଠାରୁ ରାତ୍ର ୧୦ ଘଟିକା ଯାଏଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ତା ୧୮/୭/୧୮ ରିଖ ସଂଧ୍ୟାରେ ବାରିପଦାର ସିମ୍ପନି ଭଜନ ସଂଧ୍ୟା ଦଳର ସୁନାମଧନ୍ୟ କଣ୍ଠଶିଳ୍ପୀ ଦେବେନ୍ଦ୍ର ବାରିକ ଓ ତାଙ୍କ ସାଥି ମାନେ ଚିତାକର୍ଷକ ଭଜନ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଦେଇଥିବାର ଦେଖାଯାଇଥିଲା । ଆଗାମୀ ଦିନ ଗୁଡିକରେ ଓଡିଶାର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ସ୍ତରରୁ ନାମୀଦାମୀ କଣ୍ଠଶିଳ୍ପୀ ତଥା କଳାକାର ମାନେ ଯୋଗଦେଇ ନିଜନିଜର କଳା କୌଶଳ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଖୋର୍ଦ୍ଧା ଜିଲ୍ଲାରେ ଜଟଣୀରେ ସର୍ବାଧିକ ୨୫୫ ମିଲିଲିଟର ବର୍ଷା

ଖୋର୍ଦ୍ଧା ୨୧।୭(ସକାଳଖବର): ଗତକାଲି ଠାରୁ ଜିଲ୍ଲାରେ ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ଯାଗାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟ ହୋଇଛି। ଜିଲ୍ଲାର ଜଟଣୀରେ ସର୍ବାଧିକ ୨୫୫ ମିଲିଲିଟର ବର୍ଷା ରେକର୍ଡ଼ କରାଯାଇଥିବା ବେଳେ ଟାଙ୍ଗୀ ବ୍ଲକ୍ ସର୍ବନିମ୍ନ ୬୨ ମିଲିଲିଟର ବର୍ଷା ରେକର୍ଡ଼ କରାଯାଇଥିବା ଜଣାପଡ଼ିଛି। ସେହିପରି ଜଟଣୀ ତଳକୁ ଖୋର୍ଦ୍ଧାରେ ୧୮୫ମିଲିଲିଟର, ବାଲିଅନ୍ତାରେ ୧୯୬ ମିଲିଲିଟର, ଭୁବନେଶ୍ୱରରେ ୧୮୦, ବାଲିପାଟଣାରେ ୧୦୨, ବେଗୁନିଆରେ ୧୭୫, ବୋଲଗଡ଼ରେ ୮୨, ବାଣପୁରରେ ୮୫, ଚିଲିକାରେ ୯୭ ବର୍ଷା ରେକର୍ଡ଼ କରାଯାଇଥିବା ବେଳେ ମୋଟ ଖୋରଧା ଜିଲ୍ଲାରେ ୧୩୨୦ମିଲିଲିଟର ବର୍ଷା ହୋଇଛି। ପ୍ରାୟ ୧୩୨ମିଲିଲିଟର ବର୍ଷା ରେକର୍ଡ଼ କରାଯାଇଛି। ବର୍ଷା ଲାଗି ରହିଥିବାରୁ ଜିଲ୍ଲାପାଳ ନୀର୍ମଳ ଚନ୍ଦ୍ର ମିଶ୍ର ଚିଠି ନମ୍ବର ୧୧୫୧୯ରେ ଏକ ବିଜ୍ଞପ୍ତି ଜାରି କରିବା ସହ ୨୨ ତାରିଖରେ ରବିବାରଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସହ ସମସ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କର ଛୁଟି ମଧ ବାତିଲ କରାଯାଇଛି ।

ଭଗବାନପୁର ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ

ଧାମନଗର ୨୧।୭(ସକାଳଖବର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ସେବା ସମବାୟ ସମିତି ତରଫରୁ ସମବାୟ ଆପଣଙ୍କ ଦ୍ୱାରଦେଶରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରଘୁନାଥ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ିଶାର ଏକ ଅଗ୍ରଣୀ ସମବାୟ ବ୍ୟାଙ୍କ ହୋଇଥିବା ବେଳେ ଏଥିରେ ପ୍ରାୟ ୪ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟବସାୟ କରାଯାଉଅଛି। ସେବା ସମବାୟ ସମିତିର ସମସ୍ତ ସଭ୍ୟ ଏହାର ଅଂଶିଦାରା ଏହାର ସୁଫଳ ସମସ୍ତ ଚାଷୀମାନେ ପାଇପାରିବେ ବୋଲି ସେ କହିଥିଲେ। ସେବା ସମବାୟ ସମିତିର ଚାଷୀମାନଙ୍କୁ ଖୁବଶିଘ୍ର ଏଟିଏମ୍ କାର୍ଡ଼ ଯୋଗାଇ ଦିଆଯିବ ବୋଲି ଶ୍ରୀଲେଙ୍କା ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ସଭାପତି ନିତ୍ୟାନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିବିସିସିର ନୋଡ଼ାଲ ଅଫିସର ଅଜିତ କୁମାର ହୋତା, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ, ବିବିସିସି ବ୍ୟାଙ୍କ ଶାଖା ପରିଚାଳକ ନିର୍ମଳ ଚନ୍ଦ୍ର ସେଠୀ , ଆତ୍ମାର ଧାମନଗର ବ୍ଲକ ସଭାପତି ଶରତ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ହରେକୃଷ୍ଣ ପାଢ଼ୀ , ସୁରେନ୍ଦ୍ର ନନ୍ଦି, ଲକ୍ଷ୍ମୀଧର ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭଗବାନପୁର ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ପୂର୍ବତନ ସଭାପତି ସନାତନ ରାଉତ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂର୍ବତନ ସମ୍ପାଦକ ଦିବାକର ରାଉତ, ଲଗାତାର ୬ଥର ନିର୍ବାଚିତ ନିର୍ଦ୍ଦେଶକ ସମିତିର ବରିଷ୍ଠ ସଭ୍ୟ ସୁଧାକର ଦାଶ ପ୍ରମୁଖଙ୍କୁ ସମବାୟ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିବିସିସି ବ୍ୟାଙ୍କ ତରଫରୁ ୧୦ଜଣ ସଫଳ ଚାଷୀଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ୪ଜଣ ଭୂମୀହୀନ ଚାଷୀଗ୍ରୁପକୁ କୃଷିଋଣ ପ୍ରଦାନ କରାଯାଇଥିବା ବେଳେ ଚାରିଟି ସ୍ୱୟଂ ସହାୟକ ଗୋଷ୍ଠିକୁ ଋଣ ମଞ୍ଜୁରି ପତ୍ର ପ୍ରଦାନ କରାଯାଇଥିଲା। ସେବା ସମବାୟ କର୍ମଚାରୀ ସଙ୍ଘର ସମ୍ପାଦକ ଅରୁଣ ଉଦୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଓ ସମିତିର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ବିଦ୍ୟା ବୃତ୍ତି ପ୍ରଦାନ



ଖୋର୍ଦ୍ଧା ୨୧।୭(ସକାଳଖବର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଦ୍ୱାରା ପଞ୍ଜିକୃତ ହୋଇଥିବା ୧୧ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଶୁକ୍ରବାର ବିଦ୍ୟାବୃତ୍ତି ପ୍ରଦାନ କରିଛନ୍ତି। ସୂଚନା ମୁତାବକ ୧୧ଗୋଟି ଶିଶୁ ଅନୁଷ୍ଠାନରୁ ଚଳିତ ବର୍ଷ ୮୪ଜଣ ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ବିଜୁ ଶିଶୁ ସୁରକ୍ଷା ଯୋଜନାର ମାର୍ଗ ଦର୍ଶୀତା ଅନୁଯାୟୀ ୨୨ଜଣ ଛାତ୍ର ଛାତ୍ରୀଙ୍କୁ ଏହି ଯୋଜନା ପାଇଁ ଚିହ୍ନଟ କରାଯାଇଥିଲା। ୨୭ଜଣ ଜାକ ଥିଲେ ମାତୃ ପିତୃ ହୀନ ଏବଂ ପରିତ୍ୟକ୍ତ ଶିଶୁ। ବିଜୁ ଶିଶୁ ସୁରକ୍ଷା ଯୋଜନା ଅନୁଯାୟୀ ଯତ୍ନ ଓ ସୁରକ୍ଷା ଆବଶ୍ୟକତା କରୁଥିବା ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ରହୁଥିବା ଏବଂ ବିଦ୍ୟାଳୟରେ ଦଶମ ଶ୍ରେଣୀ ସ୍ତରରେ ଶିର୍ଷସ୍ଥାନ ଲାଭ କରିଥିବା ତିନି ଜଣ କୃର୍ତ୍ତି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ନିମନ୍ତେ ପୋତ୍ସାହନ ରାଶି ବାବଦକୁ ୨୦ ହଜାର ଟଙ୍କା ସହାୟତ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନା ଅନୁଯାୟୀ ଜିଲ୍ଲାର ଏସ.ଏସ. ଭିଲେଜ ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀ ପୁଷ୍ପା ମୁଦୁଲି ୮୦%, ସୁଶାନ୍ତ ମଲିକ ୭୨.୮୩ % ଏବଂ ଶମ୍ଭୁନାଥ ସିଂ ୭୨% ନମ୍ବର ରଖି ଚଳିତ ବର୍ଷ ଦଶମ ଶ୍ରେଣୀରେ ଉର୍ତ୍ତିନ ହୋଇଥିଲେ। ଯାହାକି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୨୭ଜଣ ଛାତ୍ର ଛାତ୍ରୀମାନଙ୍କ ଠାରୁ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀ। ଶୁକ୍ରବାର ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଏହି ୩ଜଣ ଛାତ୍ର ଛାତ୍ରୀ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଜିଲ୍ଲାପାଳ ସହାୟତା ରାଶି ଚେକ୍ ବାବଦରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନୋରଂଜନ ମଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ବାଣୀଶ୍ରୀ ପଟ୍ଟନାୟକ, ରଂଜନ ଗୋଛାୟତ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବ୍ୟାଙ୍କର ଅବସରପ୍ରାପ୍ତ ସିଇଓଙ୍କ ପରଲୋକ

କଟକ, ୨୧।୭(ସକାଳଖବର): ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ରବିନ୍ଦ୍ର ନାଥ ମଲ୍ଲିକଙ୍କର କଟକ ଅରବିନ୍ଦନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସେ କିଛଦିନ ହେବ ମଧୁମେହ ରୋଗରେ ପୀଡିତ ଥିଲେ। ଗତ ବୁଧବାର ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ କଟକ ତିନିକୋଣିଆ ବଗିଚାସ୍ଥିତ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ମୁଖ୍ୟ ଶାଖାର ସିଇଓ ଭାବେ କାର୍ଯ୍ୟକରି ସେଠାରୁ ଅବସର ନେଇଥିଲେ। ଅବସର ପରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଜଡ଼ିତ ହୋଇ ବିଭିନ୍ନ ସମାଜସେବାମୂଳକ କାମ କରୁଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର କର୍ମଚାରୀ, ମର୍ଣ୍ଣିଂୱାର୍କ ଆସୋସିଏସନର କର୍ମକର୍ତ୍ତା, ସ୍ଥାନୀୟ କର୍ପୋରେଟର, ପୂର୍ବତନ କର୍ପୋରେଟରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମର ଶରୀରେ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସପନ୍ନ କରାଯାଇଥିଲା ।

ଓକିଲ ସଙ୍ଘ ତରଫରୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା

ଧାମନଗର, ୨୧।୭(ସକାଳଖବର): ଧାମନଗର କୋର୍ଟ ପରିସରରେ ସ୍ଥାନୀୟ ଓକିଲ ସଙ୍ଘ ତରଫରୁ ଭଦ୍ରକ ଜିଲ୍ଲାର ରାହାଞ୍ଜ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ଜଣ ନିଷ୍ପାପ ସ୍କୁଲ ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଧାମନଗର କୋର୍ଟ ପରିସରରେ ପରଲୋକଗତ ଛାତ୍ରଛାତ୍ରୀ ମାନଙ୍କପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଚିକିତ୍ସାଧିନ ଛତ୍ରଛାତ୍ରୀ ମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଧାମନଗର କୋର୍ଟର ମାନ୍ୟବର ବିଚାରପତି ଜିତେନ୍ଦ୍ରିୟ ପାଣିଗ୍ରାହୀ, ଓକିଲ ସଙ୍ଘର ସମ୍ପାଦକ ଅଭିରାମ ମହାନ୍ତି, ସରକାରୀ ଓକିଲ ଅମରେନ୍ଦ୍ର ମହାନ୍ତି, ବିଷ୍ଣୁମୋହନ ପତି, ଆଇନଜୀବୀ ଅଜିତ କୁମାର ଦାସ, ରାମଚନ୍ଦ୍ର ରାଉତ, ବାବା ହରେକୃଷ୍ଣ ସେଠୀ, ଜୟନୁଲ ଆବେଦିନ, ବ୍ରହ୍ମାନନ୍ଦ ଜେନା, କିଶୋର ପଣ୍ଡା, ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

ନାଳରେ ଭାସିଯାଇ ମହିଳା ମୃତ

ମାଲକାନଗିରି,୨୧।୭(ସକାଳଖବର): ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଖଇରପୁଟ ବ୍ଲକର ଅନେକ ଗ୍ରାମ ଜଳମଗ୍ନ ହୋଇ ରହିଛି । ମାଝିଗୁଡା ଗ୍ରାମର ସମ୍ବାରି ଖରା ନାମକ ମହିଳା ଆଜି ସକାଳୁ ଗାଁ ଠାରୁ କିଛି ଦୂରରେ ଥିବା ନିଜ ଚାଷ ଜମିକୁ ଦାମଲଦେଇ ନାଳରେ କମ୍ ପାଣି ଥିବାରୁ ପଶି ଯାଉଥିବା ବେଳେ ହଠାତ୍ ବନ୍ୟାଜଳ ମାଡି ଆସିବାରୁ ଭାସିଯାଇଥିଲେ । ତାଙ୍କ ବିକଳ ଚିତ୍କାର ଶୁଣି ପାଖ କ୍ଷେତରେ କାମ କରୁଥିବା କେତେକ ଶ୍ରମିକ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ । ପରେ ନାଳ ଠାରୁ ୨୦୦ ମିଟର ଦୂରରେ ଥିବା ଏକ ଗଛ ନିକଟରୁ ତାଙ୍କ ମୃତଦେହ ଭାସି ଲାଗିଥିବା ପରିବାର ଲୋକେ ଦେଖି ସେଠାରୁ ଉଦ୍ଧାର କରି ଗାଁକୁ ଆଣିଥିଲେ । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।